NATIONAL DAIRY PLAN
MISSION MILK
THE NEXT REVOLUTION

# ଦୁଗ୍ଧ ଉତ୍ପାଦକ ସମବାୟ ସମିତିରେ ପ୍ରାପ୍ତ ସୁବିଧା ସମୂହ

୧. ସମିତିରେ ବର୍ଷସାରା ୩୬୫ ଦିନ ଦୁଇବେଳା ଦୁଗ୍ଧ ବିକ୍ରି କରିବାର ସୁଯୋଗ ସହ ପ୍ରତ୍ୟେକ ଦଶ (୧୦) ଦିନ ବ୍ୟବଧାନରେ ଦୁଗ୍ଧର ଉଚିତ୍ ମୂଲ୍ୟ ମିଳିଥାଏ।

୨. ଦୁଗ୍ଧ ଉତ୍ପାଦନ ପାଇଁ ଆବଶ୍ୟକ ପରିମାଣର ସୁଷମ-ଗୋଖାଦ୍ୟ ରିହାତି ମୂଲ୍ୟରେ ସମିତିରୁ ମିଳେ।

୩. ଗାଈର ସୁସ୍ଥ ଜୀବନଧାରଣ ସହ ଗୁଣାତ୍ମକମାନର ଦୁଗ୍ଧ ପାଇବା ପାଇଁ ଆବଶ୍ୟକ ଖଣିଜ ଲବଣ ରିହାତି ମୂଲ୍ୟରେ ସମିତିରୁ ମିଳେ।

୪. କ୍ୟାଲସିୟମ୍ ଅଭାବ ଜନିତ ସମସ୍ୟାରୁ ରକ୍ଷା ପାଇଁ ତରଳ କ୍ୟାଲ୍‌ସିୟମ୍ ରିହାତି ମୂଲ୍ୟରେ ସମିତିରୁ ମିଳେ।

୫. ପ୍ରତିବର୍ଷ ଦୁଇରୁ ତିନିଥର ସମସ୍ତ ଦୁହାଁଳିଆ ଗାଈ ଓ ବାଛୁରୀଙ୍କ ପାଇଁ କୃମିନାଶକ ଔଷଧ ମାଗଣାରେ ସମିତିରୁ ମିଳେ।

୬. ଫାଟୁଆ, ସାହାଣା, ବଜବଜିଆ ଭଳି ସଂକ୍ରାମକ ରୋଗରୁ ଗାଈକୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟୀକା (ଟ୍ରାଇଭାକ୍) ସମିତିରେ ମାଗଣାରେ ମିଳେ।

୭. ଉନ୍ନତ ଧରଣର ସଙ୍କର ଜାତୀୟ ବାଛୁରୀ ପାଇଁ କୃତ୍ରିମ ପ୍ରଜନନର ସୁବିଧା ସମିତିର ତାଲିମପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥାଏ।

୮. ସମିତିରେ ଗୋ-ଚିକିତ୍ସା ଶିବିର କରାଯାଇ ଗାଈ/ବାଛୁରୀଙ୍କୁ ମାଗଣାରେ ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଏ।

୯. ପ୍ରାଥମିକ ଚିକିତ୍ସା ଔଷଧ ସମିତିରେ ମାଗଣାରେ ଉପଲବ୍ଧ ହୁଏ।

୧୦. ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ଘାସ ଚାଷ ପାଇଁ ଘାସମୂଳ, ଘାସ ମଞ୍ଜି ମାଗଣାରେ ଯୋଗାଇ ଦିଆଯାଏ।

୧୧. ଦୁଗ୍ଧ ଉତ୍ପାଦନର ଖର୍ଚ୍ଚ କମାଇବା ସକାଶେ "ଆଜୋଲା" ଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ ସମିତି ଜରିଆରେ ଦୁଗ୍ଧ ଚାଷୀଙ୍କୁ ଦିଆଯାଏ।

୧୨. ଦୁଗ୍ଧର ମୂଲ୍ୟ ବ୍ୟତୀତ ସମିତିର ବ୍ୟବସାୟିକ ଲାଭାଂଶରୁ ବାର୍ଷିକ ବୋନସ୍ ମିଳିଥାଏ।

୧୩. ଉତ୍ତମ ଦୁଧିଆଳୀ ଗାଈମାନଙ୍କ ସୁରକ୍ଷା ପାଇଁ ସୁଲଭ ଦରରେ ବୀମାଦେୟ ପଇଠ "ଗୋ-ବୀମା" ଯୋଜନାରେ ବୀମାଭୁକ୍ତ କରାଯିବା ଓ ତତ୍ ସହିତ ସମିତିର ସଭ୍ୟ/ସଭ୍ୟାମାନଙ୍କୁ ମଧ୍ୟ ବୀମା ପରିସରଭୁକ୍ତ କରାଯିବାର ସୁବିଧା ସମିତିରୁ ମିଳେ।

୧୪. ଗୋପାଳନ ତଥା ସମିତି ପରିଚାଳନା ନିମନ୍ତେ ସମିତିର ସଭ୍ୟ/ସଭ୍ୟା ପରିଚାଳନା ପରିଷଦ ସଭ୍ୟ/ସଭ୍ୟା, ସମ୍ପାଦକ, କୃତ୍ରିମ ପ୍ରଜନନକାରୀ, ଦୁଗ୍ଧ ପରୀକ୍ଷକ ତଥା ସଭାପତିମାନଙ୍କୁ ମାଗଣାରେ ତାଲିମ ଓ ପ୍ରଶିକ୍ଷଣ ଯୋଗାଇ ଦିଆଯାଏ।

ଏଣୁ ସମସ୍ତ ଦୁଗ୍ଧ ଚାଷୀ ଭାଇମାନେ ସମିତିର ଭ୍ୟ ହୋଇ ସମିତି ମାଧ୍ୟମରେ ଦୁଗ୍ଧ ବ୍ୟବସାୟ କରନ୍ତୁ ଏବଂ ଉପରୋକ୍ତ ସମସ୍ତ ସୁବିଧା ପାଇବା ସହ ଉନ୍ନତମାନର ଗୋପାଳନର କର ନିଜର ଆର୍ଥିକ ଅଭିବୃଦ୍ଧି କରନ୍ତୁ।

ଉପରୋକ୍ତ ସୁବିଧା ପାଇବା ପାଇଁ ନିକଟସ୍ଥ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର କିମ୍ବା ଦୁଗ୍ଧ ସଂଘର ସୁପରଭାଇଜରଙ୍କ ସହିତ ଯୋଗାଯୋଗ କରନ୍ତୁ।

ସୌଜନ୍ୟ :

**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁର**

omfed

SAMUL